Vol VIII Issue No.170 Wednesday, 20 June 2007



ମୋର ସନ୍ତାନମାନେ ଯେତେବେଳେ ମିଥ୍ୟାର ପ୍ରବେଗ ଦ୍ୱାରା ଚାଳିତ ହୋଇ କିଛି ଭାବନ୍ତି, କହନ୍ତି କିମ୍ବା କାର୍ଯ୍ୟ କରନ୍ତି- ସେତେବେଳେ ତାହା ମୋ ଶରୀର ଉପରେ ଏକ ଭୀଷଣ ଆଘାତ ସୃଷ୍ଟିକରେ । -ଶ୍ରୀମା

# କେନ୍ଦ୍ରର ଘଇତାପଣିଆ/ସମ୍ପାଦକୀୟ

Click to enlarge text: A A A A

ଓଡିଶା ପୁଣି ଉପେକ୍ଷିତ ହୋଇଛି । କିଛି ନୂଆ କଥା ନୁହେଁ । କେନ୍ଦ୍ରରେ କଂଗ୍ରେସ ସରକାର ଥାଉ ବା ଭାଜପା, ଉପା ବା କପା ଓଡିଶା ସବୁ କ୍ଷେତ୍ରରେ ପଛରେ ପଡିବା ସୁନିଶ୍ଚିତ । ରାଜ୍ୟ ସରକାରଙ୍କର କେବିକେ ଅଞ୍ଚଳରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁରୋଧକୁ କେନ୍ଦ୍ର ସରକାର ବିଚାରକୁ ନ ନେଇ କଟା ଘା'ରେ ଚୂନ ଦେଲା ଭଳି ମଧ୍ୟପ୍ରଦେଶରେ ଏହାକୁ ସ୍ଥାପନ କରିବାର ନିଷ୍ପତ୍ତି ନେଇଛନ୍ତି । ଗତ ୧୫ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଦୁଇବର୍ଷ ତଳେ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଏହିପରି ଏକ ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଥିଲେ । ବୁଦ୍ଧି ଦେଲେ ଓଡିଶା ସରକାର, ଫାଇଦା ପାଇଲା ମଧ୍ୟପ୍ରଦେଶ । ଏଥିରୁ ପୁନର୍ବାର ପ୍ରମାଣ ମିଳୁଛି ଯେ ଓଡିଶା ଓ ଓଡିଆଙ୍କୁ କେନ୍ଦ୍ର ସରକାର କେତେ ଗୁରୁତ୍ୱ ଦେଉଛନ୍ତି । ଏକଥା ନୁହଁ ଯେ ଓଡିଶାକୁ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଛି । ଯେତେବେଳେ କୋଇଲା ଉତ୍ତୋଳନ ବା ପସ୍କୋ ଭଳି ବିଦେଶୀ କମ୍ପାନୀଙ୍କ ପ୍ରସଙ୍ଗ ଉଠୁଛି ସେତେବେଳେ କେନ୍ଦ୍ର ସରକାର ହସ୍ତକ୍ଷେପ କରୁଛନ୍ତି ବା ମଧ୍ୟସ୍ଥତା କରିବାକୁ ଆଗେଇ ଆସୁଛନ୍ତି । କାରଣ ଏଥିରେ ରାଜ୍ୟର ସ୍ୱାର୍ଥ ଅପେକ୍ଷା ଅନ୍ୟମାନଙ୍କ ହିତ ଅଧିକ ସାଧନ ହେଉଛି । କୋଇଲା ରୟାଲଟି ହେଉ ବା ରେଲୱେ ମାଲ ପରିବହନଜନିତ ରାଜସ୍ୱ ସବୁଥିରେ ନିଜର ଭାଗନେବାକୁ କେନ୍ଦ୍ର ତତ୍ପର ।  ମାତ୍ର ଏମ୍ସ, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ କିମ୍ବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଯେଉଁଥିରେ ରାଜ୍ୟ ଉପକୃତ ହେବ ସେସବୁ ପ୍ରସଙ୍ଗ ଉଠିଲା ବେଳକୁ କେନ୍ଦ୍ର ଏଭଳି ମନୋଭାବ ପ୍ରଦର୍ଶନ କରୁଛି ଯେପରି କି ସେମାନଙ୍କ ପାଇଁ ଓଡିଶା ବୋଲି ଗୋଟିଏ ରାଜ୍ୟ ଭାରତ ଭିତରେ ନାହିଁ । ଓଡିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ହେଉ, ଆଦିବାସୀ ଅଞ୍ଚଳର ଉନ୍ନତି ପାଇଁ ସ୍ୱତନ୍ତ୍ର ଅନୁଦାନ ବା ରାଜ୍ୟ ହିତକାରୀ ଦାବି ଶୁଣିଲେ କେନ୍ଦ୍ର ଯେପରି କାଲା । ଏପରି କି ଓଡିଶାର ଏକ ଦାବି ପ୍ରସଙ୍ଗରେ ଯେତେବେଳେ ଓଡିଆ ଏମ୍.ପି.ମାନେ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଭେଟିଲେ ସେତେବେଳେ ସେ ବିଦ୍ରୂପ କରି କହିଥିଲେ ଯେ ଟଙ୍କା ଗଛରେ ଫଳୁନି । ଅବଶ୍ୟ ଓଡିଶାର ଗଛ, ପାଣି, ଖଣି ଓ ଅନ୍ୟ

home || next

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.